## ସଂକ୍ଷେପରେ

### ଜାଳିଦେଲେ ରାସ୍ତା କାମରେ ନିୟୋଜିତ ଗାଡ଼ି

ଝରିଗାଁ, ୮।୯(ସ୍ୱ.ପ୍ର.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଘାଟିରେ ରାସ୍ତା ପ୍ରଶସ୍ତୀକରଣ ଶେଷ ପରେ ଚାଲିଛି ଡ୍ରେନ୍ କାମ। ରାସ୍ତା କାମରେ ନିୟୋଜିତ ଦୁଇ ମିକ୍ସର ମେଶିନ ଏବଂ ପାଣି ଟାଙ୍କିର ଚକାଗୁଡିକୁ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଠିକାଦାର ଚନ୍ଦ୍ର ସ୍ୱାଇଁ ଚନ୍ଦାହାଣ୍ଡି ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ କେସ୍ ନଂ. ୧୨୬/୨୦ରେ ଏକ ମାମଲା ରୁଜୁ କରାଯାଇଅଛି। ଖବରପାଇ ଝରିଗାଁ ଥାନାଧିକାରୀ ଉମେଶ ସାହୁ ଏବଂ ଚନ୍ଦାହାଣ୍ଡି ଥାନା ଅଧିକାରୀ ପି ସୁନା ପ୍ରମୁଖ ଘଟଣାସ୍ଥଳେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଏପରି କାଣ୍ଡ କିଏ ଘଟାଇଛନ୍ତି ତାହା ସ୍ପଷ୍ଟ ହୋଇନ ଥିବାବେଳେ ମଙ୍ଗଳବାର ସ୍ଥାନୀୟ ବିଏସ୍ଏଫ୍ ପକ୍ଷରୁ ଚନ୍ଦାହାଣ୍ଡି ଘାଟିରେ କୋମ୍ବିଂ ଅପରେଶନ କରାଯାଇଛି।

### ଜୟପୁର ଉପଜିଲାପାଳଙ୍କୁ କରୋନା

ଜୟପୁର, ୮।୯(ନି.ପ୍ର.)-ଜୟପୁର ଉପଜିଲାପାଳ ହେମକାନ୍ତ ସାଏ କରୋନା ପଜିଟିଭ ଥିବା ସୂଚନା ମିଳିଛି। ଏହାପରେ ସେ ହୋମ କ୍ୱାରାଣ୍ଟାଇନରେ ରହିଛନ୍ତି। ସେ ଉପଜିଲାପାଳ ସହ ଜୟପୁର ପୌରପାଳିକାର ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିଲେ। ସେ ସୁସ୍ଥ ହୋଇ ଫେରିବା ପର୍ଯ୍ୟନ୍ତ ଜୟପୁର ପୌରପାଳିକାର ଅତିରିକ୍ତ ଦାୟିତ୍ୱରେ ରହିବେ।

### ନଦୀରେ ଗୋଡ଼ ଖସି ଯୁବକ ମୃତ

ବୋରିଗୁମ୍ମା,୮।୯(ଡି.ଏନ୍.ଏ.) କୋରାପୁଟ ଜିଲା ବାରିଗୁମ୍ମା ବ୍ଲକ ବି.ସିଂହପୁର ଥାନା ଅଧୀନ ଚାବେରୀ ନଦୀରେ ଗୋଡ଼ ଖସି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଯାଇଛି। ସେ ହେଲେ ସ୍ଥାନୀୟ ହରଡ଼ାଗୁଡା ପଞ୍ଚାୟତ ପତାରଙ୍ଗଣି ଗ୍ରାମର ଅତୁରୁ ମୁଦୁଲି(୫୦)। ମଙ୍ଗଳବାର ସକାଳୁ ଅତୁରୁ ଡମ୍ବଡୁରୁଞ୍ଜି ଘାଟି ନିକଟରେ ଚାବେରୀ ନଦୀ ପାର ହେଉଥିବା ବେଳେ ଅସ୍ଥାୟୀ ପୋଲରେ ହଠାତ ଗୋଡ଼ ଖସି ଯାଇଥିଲା। ସେ ନଦୀରେ ପଡି ଭାସି ଯାଇଥିଲେ। ଖବର ପାଇ ପୋଲିସ ଓ ଦମକଳ କର୍ମଚାରୀ ସେଠାରେ ପହଞ୍ଚି ଅତୁରୁଙ୍କ ମୃତଦେହ ଉଦ୍ଧାର କରିଥିଲେ।ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଯିବ।

### ସନ୍ଦିଗ୍ଧ ଗାଡ଼ି ଜବତ




ପାପଡାହାଣ୍ଡି, ୮।୯(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପାଡାହାଣ୍ଡି ଦେଇ ଯାଇଥିବା ୨୬ନମ୍ବର ଜାତୀୟ ରାଜପଥର ମୃଗବିହାର ନିକଟରେ ଏକ ସନ୍ଦିଗ୍ଧ ଗାଡ଼ିକୁ ପୋଲିସ ଅଟକ ରଖିଛି। ଗାଡି ଭିତରେ ଗଞ୍ଜେଇ ଥିବା ସନ୍ଦେହ କରାଯାଉଛି। ସଳଚନା ଅନୁଯାୟୀ, ନବରଙ୍ଗପୁର ମୁଖ୍ୟ ରାସ୍ତା ଦେଇ ପାପାଡାହାଣ୍ଡି ଅଭିମୁଖେ ଯାଉଥିବା ଏକ କାର୍ (ଜିଜେ-୧୯ବିଏ-୨୭୨୨) ଦ୍ରୁତ ଗତିରେ ଯାଉଥିଲା। ପୋଲିସର ସନ୍ଦେହ ହେବାରୁ ସେମାନେ ଉକ୍ତ ଗାଡିର ପିଛା କରିଥିଲେ। ପରେ ପାପାଡାହାଣ୍ଡି ନିକଟ ୨୬ ନମ୍ବର ଜାତୀୟ ରାଜପଥରେ ଗାଡ଼ି ଭିତରେ ଥିବା ବ୍ୟକ୍ତିମାନେ କାରକୁ ସେଠାରେ ଛାଡି ଜଙ୍ଗଲ ଭିତରକୁ ଚାଲି ଯାଇଥିଲେ। ପାପାଡାହାଣ୍ଡି ପୋଲିସ ଯାଇ ଗାଡିକୁ ଜବତ କରି ତଦନ୍ତ ଜାରି ରଖିଛି। ଗାଡି ଭିତରେ ଥିବା ସୁଟ୍‌କେସରେ ଗଞ୍ଜେଇ ଥିବା ସନ୍ଦେହ କରାଯାଉଛି।

# ଦୁର୍ଘଟଣାରେ ଜିଆର୍‌ଏସ୍ ମୃତ, ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ

ମାଲକାନଗିରି/ମାଥିଲି, ୮।୯(ଡି.ଏନ୍.ଏ.)


ଲୋକମାନେ ରାସ୍ତାରୋକୋ କରିଛନ୍ତି।

ମାଲକାନଗିରି ଜିଲା ମାଥିଲି ଥାନା ପାଙ୍ଗାମା ନିକଟରେ ପୋଲିସ ଗାଡି ଧକ୍କାରେ ନାୟକଗୁଡା ପଞ୍ଚାୟତ ଜିଆର୍‌ଏସ୍ ବାଲାରାଜୁ ସାହୁଙ୍କ ମୃତ୍ୟୁ ହୋଇଯାଇଛି। ଏଥିରେ ମାଥିଲି ଥାନା ଏସ୍ଆଇଙ୍କ ସମେତ ଅନ୍ୟ ଦୁଇଜଣ ଗୁରୁତର ହୋଇଛନ୍ତି। ଗୁରୁତରମାନେ ହେଲେ ମାଥିଲି ଏଏସ୍ଆଇ ବିଜୟ ବେନିଆ, କନ୍‌ଷ୍ଟେବଲ ରଘୁ ମାଝି ଓ ନରି ଭତ୍ରା। ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ରାସ୍ତାରୋକ କରିଥିଲେ। ପୋଲିସର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ରାସ୍ତାରୋକୋ ହଟିଥିଲା।

ସୂଚନା ଅନୁଯାୟୀ, ପୋଲିସ ଅଧିକାରୀ ଓ କର୍ମଚାରୀମାନେ କୌଣସି କାମରେ ଗାଡିରେ ବାହାରକୁ ଯାଉଥିଲେ। ଏହି ସମୟରେ ପାଙ୍ଗାମା ନିକଟରେ ବାଲାରାଜୁଙ୍କ ସ୍କୁଟି ସହ ପୋଲିସ ଗାଡି ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ସ୍କୁଟିଟି କିଛି ବାଟ ଘୋଷାଡି ହୋଇଯାଇଥିବାବେଳେ ପୋଲିସ ଗାଡି ଓଲଟି ପଡିଥିଲା। ଘଟଣାସ୍ଥଳରେ ବାଲାରାଜୁଙ୍କ ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣାରେ ପୋଲିସ କର୍ମଚାରୀମାନେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାରକରି ମାଥିଲି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏହାପରେ ଏଏସ୍ଆଇ ବିଜୟ ବେନିଆଙ୍କୁ ମାଲକାନଗିରି ଓ ଅନ୍ୟ ଦୁଇଜଣଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରି ସ୍ଥାନୀୟ ଲୋକ ରାସ୍ତାରୋକେ କରିଥିଲେ। ଦୀର୍ଘ ସମୟ ଧରି ଗାଡିମୋଟର ଅଟକି ରହିଥିଲା। ଖବର ପାଇ ଏସ୍‌ଡିପିଓ ପ୍ରହ୍ଲାଦ ସାହାଣୀ ମୀନା ଓ ଅନ୍ୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ମୃତକଙ୍କ ପରିବାରରୁ ଜଣଙ୍କୁ ଚାକିରି, ତାଙ୍କ ଗାଡି ମରାମତି ଖର୍ଚ୍ଚ ସହ ବୀମା ଟଙ୍କା ମିଳିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ପରେ ରାସ୍ତାରୋକୋ ହଟିଥିଲା।

# ତାଳଗୁଡ଼ା ଗ୍ରାମବାସୀଙ୍କ ତହସିଲଦାରଙ୍କୁ ଦାବିପତ୍ର

ଦଶମନ୍ତପୁର, ୮।୯( ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଗିଲିଗୁମ୍ମା ପଞ୍ଚାୟତ ଅଧୀନ ତାଳଗୁଡ଼ା ଗ୍ରାମରେ ଏକ ନୂତନ ରାସ୍ତା ନିର୍ମାଣ ପାଇଁ ଜମି ବିବାଦକୁ ନେଇ ମଙ୍ଗଳବାର ଗ୍ରାମବାସୀ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ନିଜ ଦାବି ସମ୍ପର୍କରେ ତହସିଲଦାର ଅଜୟ ତିର୍କୀଙ୍କୁ ଏକ ସ୍ମାରକପତ୍ର ଦେଇଛନ୍ତି।

ଗାଁକୁ ରାସ୍ତା ନ ଥିବାରୁ ଗ୍ରାମବାସୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିଲେ। ବାରମ୍ବାର ଦାବି କରିବା ପରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୫ ଲକ୍ଷ୍ୟ ଟଙ୍କା ବ୍ୟୟ ଅଟକଳରେ ଏକ ନୂତନ ମାଟି ରାସ୍ତା ତିଆରି ହେବାର ଥିଲା। ଏହି ରାସ୍ତାରେ ଜଣେ ବ୍ୟକ୍ତିଙ୍କର ଜମି ପଡୁଛି। ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ କିନ୍ତୁ ଜମି ଦେଉନଥିବା ଗ୍ରାମବାସୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

ଆର୍‌ଆଇଙ୍କ ପଠାଇ ଜମି ଚିହ୍ନଟ କରାଇବି ବୋଲି ତହସିଲଦାର ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଗାଁ ଲୋକଙ୍କୁ ସୁବିଧା ପାଇଁ ସମ୍ପୃକ୍ତ ଜମି ମାଲିକଙ୍କୁ ନୋଟିସ କରାଯାଇ ରାସ୍ତା ତିଆରି ବ୍ୟବସ୍ଥା କରାଯିବ ବୋଲଇ ତହସିଲଦାର କହିଛନ୍ତି।

# ନିଶାମୁକ୍ତ ସମାଜ ଗଠନ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା

ମାଲକାନଗିରି/କୁଡୁମୁଲୁଗୁମ୍ମା, ୮।୯(ଡି.ଏନ୍.ଏ.)

ମାଲକାନଗିରି ଜିଲା ପ୍ରଶାସନ ଏବଂ ଖବରଦାତା ସଙ୍ଗର ମିଳିତ ଉଦ୍ୟମରେ କୁଡୁମୁଲୁଗୁମ୍ମା ବ୍ଲକ କଂଟାସାରୁ ଗ୍ରାମରେ ସମ୍ପୂର୍ଣ୍ଣ ନିଶାମୁକ୍ତି ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଅଧିକାରୀ ରାଧାରାଣୀ ଦଳେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଜିଲା ଅବକାରୀ ଅଧୀକ୍ଷକ ଅଶୋକ କୁମାର ସେଠ, ମୁଖ୍ୟ ଅତିଥି, ମାଲକାନଗିରି ଅବକାରୀ ଇନ୍‌ସ୍ପେକ୍ଟର ଗଙ୍ଗାଧର ପାଇକରାୟ, ଉତ୍କଳ ସାମ୍ବାଦିକ ସଂଘ ସଭାପତି ଦୁର୍ଯ୍ୟୋଧନ ପାତ୍ର, କୁଡୁମୁଲୁଗୁମ୍ମା ସରପଞ୍ଚ ଦହନା ପାଙ୍ଗୀ, କୁଡୁମୁଲୁଗୁମ୍ମା ଏବିଇଓ ଅନ ଚୌଧୁରୀ, କଂଟାସାରୁ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ନେଲୁରୁ ପ୍ରମୁଖ ଉପସ୍ଥିତ ଥିଲେ। ଗୁଟୁଖା, ପାନ, ବିଡି, ସିଗାରେଟ, ମଦ, ଗଞ୍ଜେଇର ଶରୀର ଉପରେ କ'ଣ କୁପ୍ରଭାବ ରହିଛି ଅତିଥିମାନେ ବୁଝାଇଥିଲେ। ଏହାକୁ ରୋକିବାରେ ଛାତ୍ରୀଛାତ୍ର, ଯୁବପିଢି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଗ୍ରାମ ମୁଖିଆ ଏବଂ ଜନ ପ୍ରତିନିଧିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ କହିଥିଲେ। ଏସ୍‌ଏଚ୍‌ଜି ମହିଳା ଓ ଛାତ୍ରୀଛାତ୍ରମାନେ ଏକ ସଚେତନତା ରାଲିରେ ଗାଁ ପରିକ୍ରମା କରିଥିଲେ। ଜିଲା ପ୍ରଶାସନ ସହଯୋଗରେ ଆଦିବାସୀମାନେ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ, ନିଜେ ଚାଷ କରିଥିବା ଖାଦ୍ୟ ଶଷ୍ୟ ଓ ପନିପରିବା ପ୍ରଦର୍ଶିତ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ନିଶାମୁକ୍ତ ସମ୍ବନ୍ଧୀୟ ନୃତ୍ୟ ଓ ନାଟକ ପରିବେଷଣ କରିଥିଲେ। ଖବରଦାତା ଦୁର୍ଯ୍ୟୋଧନ ପାତ୍ର ଉପସ୍ଥିତ ଛାତ୍ରୀଛାତ୍ର, ସ୍ୱୟଂ ସହାୟକ ଗୋଷ୍ଠୀ, ପଦାଧିକାରୀ ଏବଂ ଜନ ପ୍ରତିନିଧିମାନଙ୍କୁ ନିଶାମୁକ୍ତ ଜିଲା ଗଠନ ପାଇଁ ଶପଥପାଠ କରାଇଥିଲେ।

# ସହକାରୀ ଜିଲାପାଳଙ୍କୁ ଦାବି ଜଣାଇଲେ ଲୋକପ୍ରତିନିଧି

ଗୁଣପୁର,୮।୯(ଡି.ଏନ.ଏ)


ବୈଠକ ବର୍ଜନ କରିଥିବା ଲୋକ ପ୍ରତିନିଧିମାନେ ସହକାରୀ ଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

■ବିଡିଓଙ୍କ କାର୍ଯ୍ୟକଳାପକୁ ବିରୋଧ
■ପଞ୍ଚାୟତ ସମିତି ବୈଠକ ବର୍ଜନ

ରାୟଗଡା ଜିଲା ଗୁଣପୁର ପଞ୍ଚାୟତ ସମିତି ବୈଠକ ମଙ୍ଗଳବାର ଅଧକ୍ଷା ଦେବକୀ ଗମାଙ୍ଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ବୈଠକରେ ସମିତିର ବିଭିନ୍ନ ପ୍ରସଙ୍ଗ, ଉନ୍ନୟନ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା। ବୈଠକକୁ କିନ୍ତୁ ୧୮ଜଣ ଲୋକପ୍ରତିନିଧି ବର୍ଜନ କରିଥିଲେ। ବିଡିଓ ମନୋମୁଖୀ କାର୍ଯ୍ୟ କରୁଥିବା ସେମାନେ ଅଭିଯୋଗ କରିଥିଲେ। ଏ ନେଇ ଉପଜିଲାପାଳଙ୍କ ଉଦ୍ଦେଶ୍ୟରେ ସେମାନେ ସହକାରୀ ଜିଲାପାଳ ରିନା ପ୍ରଧାନଙ୍କୁ ଏକ ଦାବିପତ୍ର ଦେଇଛନ୍ତି।

ସୂଚନା ଅନୁଯାୟୀ ବ୍ଲକ ଅଧକ୍ଷା ଦେବକୀ ଗମାଙ୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ରଘୁନାଥ ଗମାଙ୍ଗ, ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ଗମାଙ୍ଗଙ୍କ ସମେତ ସରପଞ୍ଚ ଏବଂ ସମିତି ସଭ୍ୟ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ଶାନ୍ତିପ୍ରଭା ପ୍ରଧାନ ମଞ୍ଚାସୀନ ଥିଲେ। ଜିପିଇଓ ପତିତପାବନ ବିଶୋୟୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦୀର୍ଘମାସ ପରେ ବୈଠକ ହୋଇଥିବାରୁ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ବୈଠକ ଦୀର୍ଘ ଦିନ ପରେ ହୋଇଥିଲେ ମଧ ଠିକ୍ ରୂପେ ସୂଚନା ଦିଆଯାଇ ନ ଥିବା ନେଇ ୧୮ଜଣ ଲୋକପ୍ରତିନିଧି ଅଭିଯୋଗ କରିଥିଲେ। ବିଡିଓ ନିଜ ଇଚ୍ଛା ମୁତାବକ କାମ କରୁଥିବା ସେମାନେ କହିଥିଲେ। ସେମାନଙ୍କ ଦ୍ୱାରା ପ୍ରଦତ୍ତ ପ୍ରସ୍ତାବଗୁଡିକ ପରିବର୍ତ୍ତନ କରାଯାଉଛି। ଜାଣିଶୁଣି ସେମାନଙ୍କ କାର୍ଯ୍ୟଗୁଡିକ ଅଟକାଇ ରଖାଯାଉଛି। ବିଲ୍‌ଗୁଡିକ ପେମେଣ୍ଟ କରାଯାଉନାହିଁ। ରାଜନୈତିକ ଉଦ୍ଦେଶ୍ୟ ରଖି ସେମାନଙ୍କୁ ଅଣଦେଖା ଏବଂ ପାତରଅନ୍ତର କରାଯାଉଛି ବୋଲି ଲୋକ ପ୍ରତିନିଧିମାନେ ସହକାରୀ ଜିଲାପାଳଙ୍କୁ ଦେଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ବିଡିଓଙ୍କ ମନୋମୁଖୀ କାର୍ଯ୍ୟ ଏପରି ଚାଲିଲେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ଉଲ୍ଲେଖ ରହିଛି। ବ୍ଲକ ଉପାଧକ୍ଷ ଏସୋ ଶବର, ସମିତି ସଭ୍ୟ ଶ୍ରୀଧର ଶବର, ସରପଞ୍ଚ ଇନାନ ଶବର ପ୍ରମୁଖଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଲୋକ ପ୍ରତିନିଧିଙ୍କ ଅଭିଯୋଗକୁ ନେଇ ବିଡିଓ ଶାନ୍ତିପ୍ରଭା ପ୍ରଧାନଙ୍କ ସହ ଯୋଗାଯୋଗ କରିବାରୁ, ୩/୪ବର୍ଷ ମଧ୍ୟରେ ପଞ୍ଚାୟତରେ ଯେତିକ ଉନ୍ନୟନ କାର୍ଯ୍ୟ ହୋଇ ନ ଥିଲା ମୁଁ ଯୋଗଦେବାର ୧ ବର୍ଷ ଭିତରେ ବହୁତ ଉନ୍ନୟନ କାର୍ଯ୍ୟ କରାଯାଇଛି ବୋଲି ସେ କହିଥିଲେ। ଅଭିଯୋଗଗୁଡିକ ଭିତ୍ତିହିନ। ଯେକୌଣସି ଅଭିଯୋଗର ତଦନ୍ତ ପାଇଁ ପ୍ରସ୍ତୁତ। ବୈଠକ ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଥିଲା ବୋଲି ସେ କହିଛନ୍ତି।

### ପଞ୍ଚାୟତ ଗୋଦାମରୁ ଚାଉଳ ଚୋରି

ଜୟପୁର,୮।୯(ଡି.ଏନ.ଏ)

କୋରାପୁଟ ଜିଲା ଜୟପୁର ବ୍ଲକ ଅନ୍ତା ପଞ୍ଚାୟତ ଚାଉଳ ଗୋଦାମରୁ ଟିଣ ତାଡି ୨୧ କୁଇଣ୍ଟାଲ ( ୪୨ ବସ୍ତା) ଚାଉଳ ଗତ ରବିବାର ରାତିରେ ଚୋରି ହୋଇଛି। ଘଟଣାକୁ ୩ ଦିନ ବିତି ଯାଇଥିଲେ ସୁଦ୍ଧା ପିଇଓ ଥାନାରେ ଅଭିଯୋଗ କରିନାହାନ୍ତି। ବିଡିଓ, ଯୋଗାଣ ନିରୀକ୍ଷକ ଏବଂ ପଞ୍ଚାୟତଅଧିକାରୀ ତୁରନ୍ତ ଥାନାରେ ଲିଖିତ ଅଭିଯୋଗ କରିବାକୁ ପିଇଓ ପ୍ରଳୟ ତ୍ରିପାଠୀଙ୍କୁ ପରାମର୍ଶ ଦେଇଥିଲେ। କିନ୍ତୁ ସେ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଥାନାରେ ଅଭିଯାଗ ନ କରି ଫୋନ ସୁଇଚ ଅଫ କରିଦେଇଛନ୍ତି। ପିଇଓଙ୍କ ବେପରୁଆ କାର୍ଯ୍ୟକଳାପକୁ ଲୋକେ ନାପସନ୍ଦ କରିଛନ୍ତି। ପ୍ରକାଶ ଯେ, ଗତ ରବିବାର ରାତିରେ ଗୋଦାମ ଗୃହର ଟିଣ ଛାତ ବାହାର କରି ସେଠାରେ ଥିବା ୪୨ବସ୍ତା ଚାଉଳ ଚୋରି କରାଯାଇଥିଲା। ସୋମବାର ପିଇଓ ଗୋଦାମ ଗୃହର ତାଲା ଖୋଲି ଚାଉଳ ଚୋରିହେବା ଜାଣିଥିଲେ। ସୋମବାର ସନ୍ଧ୍ୟାରେ ବିଡିଓ ଏବଂ ଅନ୍ୟ ଅଧିକାରୀଙ୍କୁ ପିଇଓ ସୂଚନା ଦେଇଥିଲେ।

### ଗଜପତିରୁ ୫୩ ଆକ୍ରାନ୍ତ

ପାରଳାଖେମୁଣ୍ଡି,୮।୯(ସ୍ୱ.ପ୍ର.)

ଗଜପତି ଜିଲାରୁ ମଙ୍ଗଳବାର ୫୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୩୦୪୪ରେ ପହଞ୍ଚିଛି। ଏହି ୫୩ଜଣଙ୍କ ମଧ୍ୟରେ ପାରଳାଖେମୁଣ୍ଡି ସହରାଞ୍ଚଳରୁ ୧୬, କାଶୀନଗର ବ୍ଲକରୁ ୪ଜଣ, ଗୋଷାଣୀରୁ ୪ଜଣ, ମୋହନାରୁ ୧୦, ନୁଆଗଡ ବ୍ଲକରୁ ୮, ରାୟଗଡ ବ୍ଲକରୁ ୬ ଏବଂ ଜିଲା ବାହାରୁ ୫ଜଣ ପଜିଟିଭ ରହିଛନ୍ତି। ସେମାନଙ୍କ ମଧ୍ୟରେ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି ୪ଜଣ, ସ୍ୱାସ୍ଥ୍ୟକର୍ମୀଙ୍କ ଯାଞ୍ଚବେଳେ ୪୯ଜଣ ଚିହ୍ନଟ ହୋଇଥିବା ଜିଲାପାଳ ଅନୁପମ ସାହା ସୂଚନା ଦେଇଛନ୍ତି।

# କେସିସି ବ୍ୟାଙ୍କ କର୍ମଚାରୀ ସଂଘର ବାର୍ଷିକ ସଭା

ଜୟପୁର ୮।୯(ନି.ପ୍ର.)

କେସିସି ବ୍ୟାଙ୍କ ସଭାଗୃହରେ କର୍ମଚାରୀ ସଂଘର ବର୍ଷିକ ସାଧାରଣ ସଭା ଦାମୋଦର ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଅବିଭକ୍ତ କୋରାପୁଟ ଜିଲାର ୨୪ଟି ଶାଖା କର୍ମଚାରୀ ଏଥିରେ ସାମିଲ ହୋଇଥିଲେ। ଗତ ୨୩ ଜୁଲାଇରେ କାର୍ଯ୍ୟକାଳ ଶେଷ ହୋଇଥିବା ପୂର୍ବତନ ପରିଚାଳନା ପରିଷଦକୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ନୂତନ ପରିଚାଳନା କମିଟି ସର୍ବସମ୍ମତିକ୍ରମେ ଗଠନ କରାଯାଇଥିଲା। ଦିଗାମ୍ବର ନାୟକ ସଭାପତି, ଅରୁଣ କୁମାର ସାହୁ ସାଧାରଣ ସମ୍ପାଦକ, ଦାମୋଦର ପାଣି, ଦୁର୍ଗା ଦାସ, ହରିହର ତ୍ରିପାଠୀଙ୍କୁ ଉପଦେଷ୍ଟାଭାବେ ଚୟନ କରାଯାଇଛି। ଅଶୋକ କୁମାର ରଥ ଉପସଭାପତି, ବିଦ୍ୟାଧର ପ୍ରଧାନ କାର୍ଯ୍ୟକାରୀ ସଭାପତି, ମନୋଜ କୁମାର ଦାସ ସମ୍ପାଦକ, ମୋହନ ପାଇକରାୟ କୋଷାଧ୍ୟକ୍ଷ ଭାବେ ଚୟନ ହୋଇଥିଲେ। ସଙ୍ଗଠନ ସମ୍ପାଦକ ଭାବେ ସୁରେନ୍ଦାରା ନାୟକ, ଅତୁଲ୍ୟ ମଲ୍ଲିକ. ହରିଶ୍ଚନ୍ଦ୍ର ବନାଗାଡି, ନୀଳାମ୍ବର ଶତପଥୀ ଏବଂ କାର୍ଯ୍ୟକାରୀ ସଦସ୍ୟଭାବେ ଅରୁଣ କୁମାର ଧୀର, ଲକ୍ଷ୍ମୀପାତ୍ର, ବିଜୟ ପଟ୍ଟନାୟକ ଓ ହରି ଦାସ ମନୋନୀତ ହୋଇଥିଲେ। ଆସନ୍ତା ୨୭ ତାରିଖରେ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ନେଇ ୨୦ ଦଫା ଦାବିପତ୍ର ପ୍ରଦାନ କରାଯିବ ବୋଲି ସଭାପତି ଦିଗମ୍ବର ନାୟକ ସୂଚନା ଦେଇଛନ୍ତି।

# ଜୟପୁର ଟାଉନ ଥାନାରେ ତଦନ୍ତ କଲେ ଓଏଚଆରସି ସଦସ୍ୟ

ଜୟପୁର,୮।୯(ଡି.ଏନ.ଏ.)

**ଦୁର୍ଦ୍ଦାନ୍ତ ଅପରାଧୀ ଆକାଶ ମହୁରିଆ ମୃତ୍ୟୁ ମାମଲା**

ରାଜ୍ୟ ମାନବାଧିକାର କମିଶନର ସଦସ୍ୟ ଡିଏସ୍‌ପି ବିମଳେନ୍ଦୁ ଶତପଥୀ ମଙ୍ଗଳବାର ଜୟପୁର ଟାଉନ ଥାନାରେ ପହଞ୍ଚି ଏକ ହତ୍ୟା ଅଭିଯୋଗର ତଦନ୍ତ ଆରମ୍ଭ କରିଛନ୍ତି। ମୃତକ ଜଣଙ୍କ ଜଣେ ଦୁର୍ଦ୍ଦାନ୍ତ ଅପରାଧୀ ଥିଲେ। ଟାଉନ ଥାନାରେ ମୃତ ଆକାଶଙ୍କ ନାଁରେ ରହିଥିବା ବିଭିନ୍ନ ଡକାୟତି, ଲୁଟ ଏବଂ ହତ୍ୟା ଉଦ୍ୟମ ଭଳି ମାମଲାର ଅଭିଯୋଗକାରୀ ଏବଂ ପୀଡିତମାନଙ୍କୁ ପଚରାଉଚରା କରିବା ସହ ସେମାନଙ୍କ ବୟାନ ରେକର୍ଡ କରାଯାଇଛି। ପ୍ରକାଶ ଯେ, କୋରାପୁଟ ଜିଲା ଜୟପୁର ସହର ଖ୍ରିଷ୍ଟିଆନ ସାହିର ଦୁର୍ଦ୍ଦାନ୍ତ ଅପରାଧୀ ଆକଶ ମହୁରିଆ ଗତ ୨୦୧୭ରେ ଟାଉନ ଥାନା ପୋଲିସ ଗୋଡାଉଥିବାବେଳେ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। କୋରାପୁଟ ଡାକ୍ତର୍‌ଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପରିବାର ପକ୍ଷରୁ ତାଙ୍କର ପୁଅକୁ ପୋଲିସ ହେପାଜତରେ ମାଡ ମାରି ହତ୍ୟା କରିଥିବା ନେଇ ହାଇକୋର୍ଟ, ରାଜ୍ୟ ମାନବାଧିକାର କମିଶନ ଏଂ ଅନ୍ୟ ଉଚ୍ଚଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ।

# ରାୟଗଡ଼ା ଜିଲାରୁ ୨୦୬ ପଜିଟିଭ ଚିହ୍ନଟ

ରାୟଗଡ଼ା ଅଫିସ,୮।୯

ରାୟଗଡ଼ା ଜିଲାରୁ ମଙ୍ଗଳବାର ୨୦୬ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ମୁନିଗୁଡ଼ାରୁ ୫୯, ବିଷମକଟକରୁ ୫୬, କଲ୍ୟାଣସତଂହପୁରରୁ ୪୫, ଗୁଡ଼ାରୀରୁ ୧୯, ରାୟଗଡ଼ା ଅରବାନରୁ ୧୪, ପଦ୍ମପୁରରୁ ୭ , ଗୁଣପୁର ଅରବାନରୁ ୪, ରାୟଗଡ଼ା ରୁରାଲରୁ ୨ ଜଣ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ୯ ଜଣ କୋରନା ଯୋଦ୍ଧା ରହିଛନ୍ତି। ମଙ୍ଗଳବାର ସୁଦ୍ଧା ଜିଲାରେ ୫୬୬୮ ଜଣ କୋରନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨୯ ଜଣଙ୍କ ମୃତ୍ୟୁ ହୋଇଛି। ୪୯୨୧ ଜଣ ସୁସ୍ଥ ହୋଇଛନ୍ତି। ୭୧୮ ଜଣଙ୍କ ଚିକସା ଚାଲିଛି।

# କୋଭିଡ୍ ପରୀକ୍ଷା କେନ୍ଦ୍ର ବୁଲିଲେ ଜିଲାପାଳ

ପାରଳାଖେମୁଣ୍ଡି, ୮।୯(ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ପୌରାଞ୍ଚଳସ୍ଥିତ ବିଭିନ୍ନ ଆଣ୍ଟିଜେନ ପରୀକ୍ଷା କେନ୍ଦ୍ରକୁ ଜିଲାପାଳ ଅନୁପମ ସାହା ପରିଦର୍ଶନ କରିଛନ୍ତି। ଉକ୍ତ କେନ୍ଦ୍ରରେ କିଭଳି ଭାବେ ପରୀକ୍ଷା କରାଯାଉଛି ତାହା ଜିଲାପାଳ ତଦାରଖ କରିଥିଲେ। ପାରଳାଖେମୁଣ୍ଡି ରେଳଷ୍ଟେସନ ଅଞ୍ଚଳ, ରେଲି ସାହି, ଆରୋଗ୍ୟ ସାହି, କରଣ ସାହି ଅଞ୍ଚଳସ୍ଥିତ କୋଭିଡ୍ ପରୀକ୍ଷାକେନ୍ଦ୍ରକୁ ଯାଇ ସେଠାରେ ଉପସ୍ଥିତ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ସେହିପରି ଘର ଘର ବୁଲି ସ୍ୱାସ୍ଥ୍ୟ କର୍ମୀମାନ କିଭଳି ଯାଞ୍ଚ କରୁଛନ୍ତି ସେ ବିଷୟରେ ମଧ ତଦାରଖ କରୁଛନ୍ତି। ଏହି ସମୟରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଉପଜିଲାପାଳ ଜୁବୁଲି ବେହେରା, ପୌର ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତ, ଡାକ୍ତର ରେଗାଲକ୍ଷ୍ମୀ ନାରୟଣ ପଟ୍ଟନାୟକ, ଡାକ୍ତର ଚେତନ, କନିଷ୍ଠ ଯନ୍ତ୍ରୀ ମଧୁସ୍ମିତା ଦାସ, ଇନ୍ଦିରା ଗୌଡ, ଉଜ୍ୱଳତା ସ୍ୱାଲସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଲୋକଙ୍କ କାମରେ ଲାଗୁନି ୧୯କୋଟିର ବିଦ୍ୟୁତ୍ ସବ୍‌ଷ୍ଟେଶନ

ମୁନିଗୁଡା, ୮।୯(ଡି.ଏନ୍.ଏ.)


ହାଟମୁନିଗୁଡ଼ାସ୍ଥିତ ବିଦ୍ୟୁତ୍ ସବ୍‌ଷ୍ଟେଶନ।

ଉପଭୋକ୍ତାଙ୍କୁ ୨୪ଘଣ୍ଟା ବିଦ୍ୟୁତ ସେବା ଯୋଗାଇବାକୁ ସରକାର ପାଣି ଭଳି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଏବେବି ଏହାର ଲାଭ ପାଉନାହାନ୍ତି ଉପଭୋକ୍ତା। ରାୟଗଡା ଜିଲା ହାଟମୁନିଗୁଡା ଛକରେ ତିଆରି ହୋଇଛି ସବ୍‌ଷ୍ଟେସନ। କିନ୍ତୁ ଏଯାଏ ଏହା ଗ୍ରାହକଙ୍କ ପାଇଁ କାର୍ଯ୍ୟକାରୀ ହୋଇ ପାରୁନି। ତେଣୁ ଲୋକମାନେ ବିଦ୍ୟୁତ୍ ସେବା ପାଇବାରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ଓଡିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ ପକ୍ଷରୁ ରାୟଗଡା ଜିଲା ହାଟମୁନିଗୁଡାରେ ତିଆରି ହୋଇଛି ୧୩୨/୩୩ କେଭି ଗ୍ରୀଡ ସବ୍‌ଷ୍ଟେସନ। ଏଥିପାଇଁ ଖର୍ଚ୍ଚ ହୋଇଛି ୧୯ କୋଟି। କାମ ସରିବାର ପ୍ରାୟ ୧ବର୍ଷ ହୋଇ ଗଲାଣି। ଏହି ଗ୍ରୀଡରୁ ସାଉଥକୋ ବିଜୁଳି ନେଇ ରେଳବାଇକୁ ସେବା ଯୋଗାଉଛି। କିନ୍ତୁ ଏଯାଏ ଘରୋଇ ଗ୍ରାହକଙ୍କୁ ଏହି ସବ ଷ୍ଟେସନ ବିଦ୍ୟୁତ ସେବା ଯୋଗାଇ ପାରୁନାହିଁ। ଥେରୁବାଲିସ୍ଥିତ ସବ୍‌ଷ୍ଟେସନରୁ ବିଷମକଟକ, ମୁନିଗୁଡା ଓ ଚନ୍ଦ୍ରପୁର ବ୍ଲକକୁ ବିଦ୍ୟୁତ ସେବା ଯୋଗାଉଛି ସାଉଥକୋ। ଏହି ଲାଇନ ଭାତପୁର ଜଙ୍ଗଲ ଦେଇ ଆସିଥିବାରୁ ପ୍ରାୟ ଅଧିକାଂଶ ସମୟରେ ଗଛ ପଡି ବିଦ୍ୟୁତ୍ ସେବା ବ୍ୟାଘାତ ଘଟୁଛି। ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଯଥାଶୀଘ୍ର ହାଟମୁନିଗୁଡ଼ାସ୍ଥିତ ସବ୍‌ଷ୍ଟେସନକୁ କାର୍ଯ୍ୟକାରୀ କରିବାକୁ ଦାବି ହେଉଛି। ଏହି ସବ୍ ଷ୍ଟେସନ କାର୍ଯ୍ୟକାରି ହେଲେ ୩ ବ୍ଲକର ପ୍ରାୟ ୫୦ ହଜାର ଉପଭୋକ୍ତା ଠିକ୍‌ଭାବେ ବିଦ୍ୟୁତ୍ ସେବା ପାଇପାରିବେ। ସାଧାରଣ ଜନତାଙ୍କ ସୁବିଧା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଏହି ଗ୍ରୀଡ୍ ସବ୍‌ଷ୍ଟେସନ ତିଆରି କରିଛନ୍ତି। ଏହା ଉପଭୋକ୍ତା କାମରେ ଆସୁନି। କିନ୍ତୁ ଅନ୍ୟ ପଟେ ଏଥିରୁ ରେଳବାଇକୁ ସେବା ଯୋଗରଇ ଦିଆଯାଉଛି ଏହା ଅତ୍ୟନ୍ତ ଦୁଃଖର ବିଷୟ। ଏଠାରୁ ଲୋକଙ୍କୁ ବିଦ୍ୟୁତ୍ ସେବା ଯୋଗାଇବାକୁ ମୁନିଗୁଡା ବିକାଶ ପରିଷଦ, ସମ୍ପାଦକ ତଥା ଆଇନଜୀବୀ ସୁଧାକର ମହାରଣା, ଆଇନଜୀବୀ ସଦାନନ୍ଦ ଦାସ, ପ୍ରସନ କୁମାର ପଣ୍ଡା, କୈଳାସ ଚନ୍ଦ୍ର ଲାବଲା ଉମାଶଙ୍କର ନେମଲପୁରୀ ପ୍ରମୁଖ ଦାବି କରିଛନ୍ତି। ଏନେଇ ସାଉଥକୋ ନିର୍ବାହୀ ଯନ୍ତ୍ରୀ ନାରାୟଣ ନାୟକଙ୍କୁ ପଚାରିବାରୁ, ପ୍ରାୟ କାମ ସରିସାରିଛି ଓ ଏହାର ଦାୟିତ୍ୱ ଗୁପ୍ତା ପାୱାରକୁ ଦିଆ ଯାଇଛି। ବର୍ତ୍ତମାନ କରୋନା ପାଇଁ ଯେଉଁ ବଳକା କାମ ରହିଛି ତାହା ଖୁବ୍‌ଶୀଘ୍ର ଶେଷ କରାଯାଇ ଏହାକୁ କାର୍ଯ୍ୟକ୍ଷମ କରାଯିବ ବୋଲି ସେ କହିଛନ୍ତି। ସରକାର କୋଭିଡ ନିୟମକୁ କୋହଳ କରି ସମସ୍ତ ପ୍ରକାର କାର୍ଯ୍ୟ କରିବାକୁ ଅନୁମତି ଦେଇସାରିଛନ୍ତି। ତେବେ ଏହି ଗ୍ରୀଡ୍ ସବ୍‌ଷ୍ଟେସନ କେବେ କାର୍ଯ୍ୟକାରୀ ହେବ ତାହା ଦେଖିବାକୁ ବାକି ରହିଲା।

# ହିତାଧିକାରୀଙ୍କୁ ମିଳୁଛି ପୋକରା ଚାଉଳ, ତଦନ୍ତ ଦାବି

କାଲିମେଳା,୮।୯(ଡି.ଏନ.ଏ)

ସରକାର କୋଭିଡ-୧୯ ପାଇଁ ଖାଦ୍ୟସୁରକ୍ଷା ଯୋଜନାରେ ଲୋକମାନଙ୍କୁ ଗୁଣାତ୍ମକ ଖାଉଟି ସାମଗ୍ରୀ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଆଦିବାସୀ ବହୁଳ ମାଲକାନଗିରି ଜିଲା ପଡିଆ ବ୍ଲକ ଅଧୀନ ଉଣ୍ଡୁକୋଣ୍ଡା ପଞ୍ଚାୟତ ହିତାଧୀକାରୀଙ୍କୁ ପୋକରା ଏବଂ ଅତ୍ୟନ୍ତ ନିମ୍ନମାନର ଚାଉଳ ପ୍ରଦାନ କରାଯାଉଥିବା ଅଭିଯୋଗ ହୋଇଛି। ନିମ୍ନମାନର ଚାଉଳ ପ୍ରଦାନକୁ ନେଇ ଉଣ୍ଡୁକୋଣ୍ଡା ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ସୂଚନା ଅନୁଯାଇ କରୋନା ପାଇଁ ବ୍ଲକରେ ଥିବା ସମସ୍ତ ଆବାସିକ ସ୍କୁଲ ଓ ହଷ୍ଟେଲ ବନ୍ଦ ରହିଛି। ତେବେ କନ୍ୟାଶ୍ରମ ଆବାସିକ ବାଳିକା ବିଦ୍ୟାଳୟ ହଷ୍ଟେଲ କୁ ପ୍ରଦାନ କରାଯାଇଥିବା ୧୧୯ ବସ୍ତା ଚାଉଳ ସେଠାରେ ମହଜୁଦ ଥିଲା। ଏ ନେଇ ମାଲାକନଗିରି ଜିଲାପାଳ ମନିଷ ଅଗ୍ରୱାଲ ହଷ୍ଟେଲରେ ଥିବା ଚାଉଳକୁ ରାଶନକାର୍ଡଧାରୀଙ୍କୁ ଦେବାକୁ ବିଡିଓଙ୍କୁ ପତ୍ର ମାଧ୍ୟମରେ ଜଣାଇଥିଲେ। ସେଠାରେ ଚାଉଳଗୁଡିକ ପଡି ନଷ୍ଟ ହୋଇଯାଉଥିବାରୁ ଏହାକୁ କାମରେ ଲଗାଇବାକୁ କହିଥିଲେ। କିନ୍ତୁ ଲୋକଙ୍କୁ ଦେବା ପୂର୍ବରୁ ଚାଉଳଗୁଡିକ ଭଲ ଅଛି କି ନାହିଁ ତାହା ଯାଞ୍ଚ କରିବାକୁ ଯୋଗାଣ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଚାଉଳକୁ ହିତାଧିକାରୀଙ୍କୁ ଗତ ୩ ଓ ୪ ତାରିଖରେ ବଣ୍ଟା ଯାଇଥିଲା। ଚାଉଳ ସବୁ ପୋକରା ଥିବାରୁ ହିତାଧିକାରୀ ଏହାକୁ ଫେରାଇ ଦେଇଥିଲେ। ଏନେଇ ଯୋଗାଣ ନିରିକ୍ଷକ ମାନଭଞ୍ଜନ ହୋତାଙ୍କୁ ପଚାରିବାରୁ ଚାଉଳସବୁ ଭଲ ଅଛି ବୋଲି ସେ କହିଥିଲେ। ତେବେ ଏହାର ଗୋଟିଏ ଦିନପରେ ୧୧୯ ବସ୍ତାରୁ ୮୧ ବସ୍ତା ଚାଉଳକୁ କନ୍ୟାଶ୍ରମ ବିଦ୍ୟାଳୟକୁ ଫେରାଇଦେଇଥିବା ଜଣାପଡିଛି।

